# ବଦଳିଲା ୮୦ ସ୍କୁଲର ନାଁ

## ମଧ୍ୟପ୍ରଦେଶରେ ଜାତିଆଣ ଭାବ ଦୂର କରିବାକୁ ପଦକ୍ଷେପ

**ଭୋପାଳ, ୧୫।୪/ପିଟି :**

ସମାଜରୁ ଜାତିଆଣ ଭେଦଭାବ ଦୂର କରିବାକୁ ଯାଇ ମଧ୍ୟପ୍ରଦେଶ ସରକାର ୮୦ଟି ସରକାରୀ ସ୍କୁଲର ନାମ ପରିବର୍ତ୍ତନ କରିଛନ୍ତି । ୧୫ରୁ ୫୦ ବର୍ଷର ପୁରୁଣା ଏହି ସ୍କୁଲଗୁଡ଼ିକ ପୂର୍ବରୁ ଉଚ୍ଚ ବର୍ଗଙ୍କ ନାମରେ ନାମିତ ହୋଇଥିଲା । ଏଣିକି ସେଗୁଡ଼ିକୁ ଜାତିଆଣ ଭେଦ-ଭାବରୁ ମୁକ୍ତ କରାଯାଇଛି । ସିଙ୍ଗ୍ରୌଲି ଜିଲ୍ଲାରେ ଏହି ୮୦ଟି ସ୍କୁଲର ନାମ ମାତ୍ର ମାସକ ମଧ୍ୟରେ ବଦଳାଇ ଦିଆଯାଇଛି । ରାଜଧାନୀ ଭୋପାଳ ଠାରୁ ୭୮୦ କିମି ପୂର୍ବରେ ଅବସ୍ଥିତ ସିଙ୍ଗ୍ରୌଲି ଜିଲ୍ଲାର ଏହି ସ୍କୁଲଗୁଡ଼ିକ ପ୍ରାଥମିକ, ମାଧ୍ୟମିକ ଓ ହାଇସ୍କୁଲ ବୋଲି ଜଣାପଡ଼ିଛି ।

ଜଣେ ସ୍ଥାନୀୟ ଶିକ୍ଷକଙ୍କ କହିବା ଅନୁଯାୟୀ ସ୍କୁଲଗୁଡ଼ିକ ଯେତେବେଳେ ଆରମ୍ଭ ହେଲା, ସେଠାକାର ବାସିନ୍ଦାଙ୍କୁ ଚିହ୍ନଟ କଲା ଭଳି ନାମକରଣ କରାଯାଇଥିଲା । ଯଦି ସ୍କୁଲଗୁଡ଼ିକୁ ଦଳିତଙ୍କ ନାମରେ ନାମିତ କରାଯାଉଥିଲା, ସେଠାକୁ ଉଚ୍ଚବର୍ଗର ପିତାମାତାମାନେ ନିଜ ପିଲାଙ୍କୁ ପଠାଇବାକୁ ଇଚ୍ଛା କରୁନଥିଲେ । ଏହିଭଳି ଭାବରେ ଜାତିଆଣ ଭିତ୍ତିରେ ସ୍କୁଲଗୁଡ଼ିକ ପରିଚିତ ହେଉଥିଲା ।

ସିଙ୍ଗ୍ରୌଲି ଜିଲ୍ଲାପାଳ ଅନୁରାଗ ଚୌଧୁରୀ କହିଛନ୍ତି, "ଜିଲ୍ଲାର ବିଭିନ୍ନ ସ୍ଥାନକୁ ଗସ୍ତ କଲାବେଳେ ଆମେ ଦେଖିଲୁ ସ୍କୁଲଗୁଡ଼ିକର ନାମକରଣରୁ ଜାତିଆଣ ଭେଦଭାବ ସୃଷ୍ଟି ହୋଇଛି । 'ହରିଜନ ବସ୍ତି', 'ବାଇଗା ବସ୍ତି' ଏହିଭଳି ଭାବରେ ସ୍କୁଲଗୁଡ଼ିକର ନାମକରଣ କରାଯାଇଛି । ଏହା ଦ୍ୱାରା ପିଲାମାନଙ୍କ ଭିତରେ ହୀନମନ୍ୟତା ସୃଷ୍ଟି ହେଉଥିବାରୁ ନାମ ପରିବର୍ତ୍ତନ ପାଇଁ ସ୍ଥିର କରାଗଲା । ଜିଲ୍ଲା ପଞ୍ଚାୟତ ପକ୍ଷରୁ ଏଭଳି ୮୦ଟି ସ୍କୁଲ ଚିହ୍ନଟ କରାଯାଇ ସେମାନଙ୍କର ନାମ ପରିବର୍ତ୍ତନ କରାଯାଇଛି । ଡକ୍ଟର ଆମ୍ବେଦକର, ସ୍ୱାମୀ ବିବେକାନନ୍ଦ, ରାଣୀ ଦୁର୍ଗାବତୀ, ଚନ୍ଦ୍ରଶେଖର ଆଜାଦ୍‌ଙ୍କ ଭଳି ଭାରତର ପ୍ରମୁଖ ବ୍ୟକ୍ତିତ୍ୱଙ୍କ ନାମରେ ସ୍କୁଲଗୁଡ଼ିକର ନୂଆ ନାମକରଣ କରାଯାଇଛି ।"

ମଧ୍ୟପ୍ରଦେଶ ଶିକ୍ଷକ ସଂଘ ସାଧାରଣ ସମ୍ପାଦକ ଆଶୁତୋଷ ପାଣ୍ଡେ କହିଛନ୍ତି, ବହୁ ଆଗରୁ ଏହି ପଦକ୍ଷେପ ନିଆଯାଇ ପାରିଥାନ୍ତା । ଶିକ୍ଷାନୁଷ୍ଠାନଗୁଡ଼ିକ ଛାତ୍ରଛାତ୍ରୀଙ୍କୁ ପ୍ରେରଣା ଦିଏ । କିନ୍ତୁ ନିର୍ଦ୍ଦିଷ୍ଟ ଜାତି ନାଁରେ ବ୍ରାଣ୍ଡେଡ୍ ହୋଇଗଲେ ତାହା ସେମାନଙ୍କୁ ମାନସିକ ସ୍ତରରେ ପ୍ରଭାବିତ କରିଥାଏ ।